# NATIONAL NEWS BULLETIN (ODIA)

## 11 February - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ସଦନରେ ଆଜି ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍ ଉପରେ ହେବ ପୁନଃ ଆଲୋଚନା ।
- ବ୍ରିଟେନ୍ ଏବଂ ଉତ୍ତର ଆୟାରଲ୍ୟାଣ୍ଡ ସହିତ ସାମାଜିକ ସୁରକ୍ଷା ଆଧାରିତ ବୁଝାମଣାପତ୍ର ସ୍ୱାକ୍ଷର କଲା ଭାରତ ।
- ଦେଶର ପୂର୍ବ ଉପକୂଳ ରଣନୀତିରେ ଓଡ଼ିଶା ଏକ ପ୍ରମୁଖ କେନ୍ଦ୍ର ହେବ ବୋଲି କହିଲେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ।
- ଇରାନ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଉପରେ ୱାଂଶିଟନ୍ ଠାରେ ଆଜି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ଏବଂ ଆମେରିକା ରାଷ୍ଟ୍ରପତିଙ୍କ ମଧ୍ୟରେ ହେବ ଆଲୋଚନା ।

ଏବଂ

- ଏଫ୍.ଆଇ.ଏଚ୍. ପୁରୁଷ ହକି ପ୍ରତିଯୋଗିତାରେ ରାଉରକେଲାଠାରେ ଅନୁଷ୍ଠିତ ଗତକାଲିର ମ୍ୟାଚ୍‌ରେ ଆର୍ଜେଣ୍ଟିନାକୁ ୫-୩ ଗୋଲ୍‌ରେ ପରାସ୍ତ କଲା ବେଲଜିୟମ୍ ।

# ଏଲ୍‌ଏସ୍-ଆର୍‌ଏସ୍-ୟୁନିୟନ୍ ବଜେଟ୍

ସଂସଦର ଉଭୟ ସଦନରେ ଆଜି ଆସନ୍ତା ଆର୍ଥିକ ବର୍ଷ ବଜେଟ୍ ଉପରେ ପୁନଃ ଆଲୋଚନା କରାଯିବ । ରାଜ୍ୟସଭାରେ ଗତକାଲି ଅନୁଷ୍ଠିତ ଆଲୋଚନାରେ ଅଂଶଗ୍ରହଣ କରି ଶିବସେନାର ମିଲିନ୍ଦ ଦେଓରା କହିଥିଲେ, ବିଶ୍ୱର ରାଜନୈତିକ ଏବଂ ଆର୍ଥିକ ଅସାନ୍ତ ବାତାବରଣ ମଧ୍ୟରେ ଭାରତ ଏକ ଅଭିବୃଦ୍ଧି ସମ୍ପନ୍ନ ତଥା ନିରନ୍ତର ବିକାଶର ରାଷ୍ଟ୍ର ଭାବେ ଉଭା ହୋଇଛି । ବିଜେପିର ସୁରେନ୍ଦ୍ର ସିଂହ ନାଗର କହିଛନ୍ତି, ଦେଶର ଆର୍ଥିକ ଅଭିବୃଦ୍ଧି ହାର ବୃଦ୍ଧି ଏବଂ ଦେଶବାସୀଙ୍କ ଆଶା ଆକାଂକ୍ଷା ପୂରଣ କରିବା ତଥା ସମସ୍ତ କଲ୍ୟାଣକାରୀ ଯୋଜନାର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ଟି.ଡି.ପି.ର ମସ୍ତାନ ରାଓ ବିଧା ମଧ୍ୟ ବଜେଟ୍‌ରେ ଆର୍ଥିକ ସ୍ଥିରତା, ଭିତ୍ତିଭୂମି ବିକାଶ, ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ଏବଂ ସମାବେଶୀ ସାମାଜିକ କ୍ଷେତ୍ରକୁ ବଜେଟ୍ ପ୍ରତିଫଳନ କରୁଛି ବୋଲି କହିଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ଏନ୍.ସି.ପି.-ଏସ୍.ସି.ପି.ର ଫୌଜିଆ ଖାନ୍ ଏବଂ ଡି.ଏମ୍.କେ.ର କାନି ମୋଝୀ, ଏନ୍.ଭି.ଏନ୍. ସୋମୁ, କଂଗ୍ରେସର ନିରଜ ଡାଙ୍ଗୀ, ଟି.ଏମ୍.ସି.ର ସୁଖେନ୍ଦୁ ଶେଖର ରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଲୋକସଭାରେ କଂଗ୍ରେସର ଶଶି ଥରୁର ଆଲୋଚନା ଆରମ୍ଭ କରିଥିଲେ । ବଜେଟ୍‌ରେ ବେରୋଜଗାରୀ, ଦୈନନ୍ଦିନ ଖର୍ଚ୍ଚ ତଥା ଅସମାନତାକୁ ଅଣଦେଖା କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ବିଜେପିର ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ବଜେଟ୍ ସରକାରଙ୍କ ଅଙ୍ଗୀକାରବଦ୍ଧତା, ବିଶ୍ୱାସ ଏବଂ ସ୍ଥିରତାକୁ ପ୍ରତିଫଳନ କରୁଛି । ବିଭିନ୍ନ ରାଷ୍ଟ୍ର ସହିତ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିକୁ ସେ ପ୍ରଶଂସା କରିଛନ୍ତି । ଆଲୋଚନାରେ ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ, ଟି.ଏମ୍.ସି. ଅଭିଶେକ ବାନାର୍ଜୀ, ଶିବସେନା ୟୁ.ବି.ଟି.ର ଅନୀଲ ଦେଶାଇ, ଜେ.ଡି.ୟୁ.ର ଦିନେଶ୍ୱର କମାୟତ, ବିଜେପିର ଡକ୍ଟର ଡି. ପୁରେନ୍ଦେଶ୍ୱରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଇଣ୍ଡିଆ-ୟୁକେ ଏଗ୍ରିମେଣ୍ଟ

ବ୍ରିଟେନ୍ ଏବଂ ଉତ୍ତର ଆୟରଲ୍ୟାଣ୍ଡ ସହିତ ଭାରତ ସାମାଜିକ ସୁରକ୍ଷା ଉପରେ ଆଧାରିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ନୂଆଦିଲ୍ଲୀରେ ଗତକାଲି ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏବଂ ଭାରତରେ ଅବସ୍ଥାପିତ ବ୍ରିଟେନ୍ ଉଚାୟୁକ୍ତ ଲିଣ୍ଡି କ୍ୟାମେରନ୍ ଏଥିରେ ସ୍ୱାକ୍ଷର କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ଚୁକ୍ତିନାମା ସ୍ୱଳ୍ପକାଳୀନ ବିଦେଶ ନିଯୁକ୍ତିରେ କର୍ମଚାରୀଙ୍କ ନିରନ୍ତର

ସାମାଜିକ ସୁରକ୍ଷା କ୍ଷେତ୍ରକୁ ସହଯୋଗ ପ୍ରଦାନ କରିବ । ଭାରତ-ବ୍ରିଟେନ୍ ବାଣିଜ୍ୟ ଚୁକ୍ତିନାମା ଏହା ଏକ ଅଂଶ ଭାବେ ଗ୍ରହଣ କରାଯାଇଛି ।

ଶ୍ରୀ ମିଶ୍ରି ବ୍ରିକ୍ସ ସେରପା ବୈଠକରେ ଅଂଶଗ୍ରହଣ କରିବାକୁ ଥିବା ଭାରତରେ ଅବସ୍ଥାପିତ ଚୀନ୍‌ର କାର୍ଯ୍ୟକାରୀ ଉପ-ବୈଦେଶିକ ମନ୍ତ୍ରୀ ମା ଝାଓ ସୁ'ଙ୍କ ସହିତ ଦ୍ୱିପାକ୍ଷିକ ରଣନୈତିକ ସମ୍ପର୍କ ନେଇ ଆଲୋଚନା କରିଛନ୍ତି । ବିଭିନ୍ନ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ, ବୈଶ୍ୱିକ ଏବଂ ବହୁପକ୍ଷିୟ ପ୍ରସଙ୍ଗ ଉପରେ ଉଭୟଙ୍କ ମଧ୍ୟରେ ମତବିନିମୟ ହୋଇଥିବା ମନ୍ତ୍ରଣାଳୟ କହିଛି ।

## ଅମିତ ଶାହା-ସିବିଆଇ

ସାଇବର ସୁରକ୍ଷା କ୍ଷେତ୍ରରେ ଏକ ସମନ୍ୱିତ ଏବଂ ସୁରକ୍ଷିତ ଇକୋସିଷ୍ଟମ ପ୍ରସ୍ତୁତି ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୁରୁତ୍ୱ ପ୍ରଦାନ କରିଛନ୍ତି । ସି.ବି.ଆଇ. ଏବଂ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରକୁ ଏଥିପାଇଁ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏନ୍.ଆଇ.ଏ., ଇ.ଡି. ଏବଂ ବ୍ୟାଙ୍କ୍ ଆଦି ପ୍ରତିଷ୍ଠାନ ସହିତ ସମ୍ମିଳିତ ଭାବେ ଏକ ବ୍ୟବସ୍ଥା ବିକଶିତ କରିବାକୁ ଶ୍ରୀ ଶାହା କହିଛନ୍ତି । ସାଇବର ଅପରାଧକୁ ପ୍ରତିହତ କରିବାକୁ ହେଲେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କ୍ଷେତ୍ରରେ ସୁଦୃଢ଼ ଆଧୁନିକ ପ୍ରଣାଳୀକୁ ବିକଶିତ କରିବାକୁ ପଡ଼ିବ ବୋଲି ସେ

କହିଛନ୍ତି । ଶ୍ରୀ ଶାହା ଦେଶରେ ଡିଜିଟାଲ୍ କାରବାର ଏବଂ ସାଇବର ଅପରାଧ ସ୍ଥିତି ନେଇ ଚିନ୍ତା ପ୍ରକଟ କରିଛନ୍ତି ।

ସି.ବି.ଆଇ. ଏବଂ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ସାଇବର ସକ୍ଷମ ଠକେଇ ମୁକାବିଲା ଓ ଇକୋ ସିଷ୍ଟମକୁ ପ୍ରତିହତ କରିବା ଶୀର୍ଷକ ଏକ ଜାତୀୟ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଶାହା କହିଛନ୍ତି, ଦେଶରେ ହାରାହାରି ପ୍ରତି ୩୭ ସେକେଣ୍ଡରେ ଜଣେ ବ୍ୟକ୍ତି ଏବଂ ପ୍ରତି ଘଣ୍ଟାରେ ୧୦୦ ଜଣ ସାଇବର ଅପରାଧର ଶିକାର ହେଉଛନ୍ତି । ୩ ଲକ୍ଷ ୬୧ ହଜାର ଟଙ୍କାର ସାଇବର ଠକେଇ ଅଭିଯୋଗ ମଧ୍ୟରୁ ସରକାର ସଫଳତାର ସହ ୮ ହଜାର ୧୮୯ କୋଟି ଟଙ୍କା ସୁରକ୍ଷିତ ରଖିପାରିଛନ୍ତି ବୋଲି ଶ୍ରୀ ଶାହା ସୂଚନା ଦେଇଛନ୍ତି ।

## ୟୁଏସ୍ ଟ୍ରେନ୍ ରିପ୍ରେଜେଣ୍ଟେଟିଭ୍-ଇଣ୍ଡିଆ

ଚୀନ୍‌ଠାରୁ ଦୂରେଇ ଯିବାକୁ ଚାହୁଁଥିବା ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଭାରତ ଏକ ସମ୍ଭାବ୍ୟ ବିକଳ୍ପ ବୋଲି ଆମେରିକାର ବାଣିଜ୍ୟ ପ୍ରତିନିଧି ରାଷ୍ଟ୍ରଦୂତ ଜେମିସନ୍ ଗ୍ରୀର୍ କହିଛନ୍ତି । ଭାରତର ଉତ୍ପାଦନ କ୍ଷମତା ଏବଂ ଦକ୍ଷତା କ୍ଷେତ୍ର ଉପରେ ଶ୍ରୀ ଗ୍ରୀର୍ ଆଲୋକପାତ କରିଛନ୍ତି । ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋକପାତ

କରି ଶ୍ରୀ ଗ୍ରୀର୍ କହିଛନ୍ତି, ଉଭୟ ଦେଶକୁ ଏହା ସୁଫଳ ପ୍ରଦାନ କରିବ । ଉଭୟ ଦେଶ କେତେକ କ୍ଷେତ୍ରରେ ଶୁଳ୍କ ହ୍ରାସ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିବା ବେଳେ ଆମେରିକାକୁ ପ୍ରଭାବିତ କରୁଥିବା ଡିଜିଟାଲ୍ ସେବା କରକୁ ଭାରତ ପ୍ରତ୍ୟାହାର କରିଛି ବୋଲି ସେ କହିଛନ୍ତି ।

## ଜିତେନ୍ଦ୍ର-ଓଡ଼ିଶା ମିନିଷ୍ଟର

ଦେଶର ପୂର୍ବ ଉପକୂଳ ରଣନୀତିରେ ଓଡ଼ିଶା ଏକ ପ୍ରମୁଖ କେନ୍ଦ୍ର ହେବ ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ଓଡ଼ିଶାର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଆଲୋଚନା କାଳରେ ଡକ୍ଟର ସିଂହ କହିଛନ୍ତି, ସାମୁଦ୍ରିକ ସଂକଟ, ଖଣିଜ କରିଡ଼ର, ପରମାଣୁ ଏବଂ ମହାକାଶ ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିବ । ପ୍ରଥମଥର ପାଇଁ ସମନ୍ୱିତ ସଂସ୍ଥାଗତ ପ୍ରୟାସ ମାଧ୍ୟମରେ ସାମୁଦ୍ରିକ ସମ୍ପଦକୁ ବ୍ୟବସ୍ଥିତ ଭାବରେ ବ୍ୟବହାର କରାଯାଉଛି । ସମୁଦ୍ର ସମ୍ବନ୍ଧୀୟ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ନେଇ କେନ୍ଦ୍ରୀୟ ପ୍ରତିଷ୍ଠାନଗୁଡ଼ିକ ଓଡ଼ିଶା ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଡକ୍ଟର ସିଂହ କହିଛନ୍ତି । ବଜେଟ୍‌ରେ ଆବଣ୍ଟିତ ଅର୍ଥ ଏବଂ ବିଭିନ୍ନ କେନ୍ଦ୍ରୀୟ ପଦକ୍ଷେପରୁ ଓଡ଼ିଶା ଯଥେଷ୍ଟ ସୁଫଳ ପାଇବ ବୋଲି ଡକ୍ଟର ସିଂହ ଆଶାବ୍ୟକ୍ତ କରିଛନ୍ତି । ସମୁଦ୍ର ବିଜ୍ଞାନ, ଖଣିଜ କ୍ଷେତ୍ର,

ମହାକାଶ ଗବେଷଣା ଏବଂ ଜୈବ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ସ୍ଥିତି ନେଇ ଉଭୟ ନେତାଙ୍କ ମଧ୍ୟରେ ମତବିନିମୟ ହୋଇଥିବା ଜଣାପଡ଼ିଛି ।

## ଇସ୍ରାଏଲ୍ ପିଏମ୍-ଟ୍ରମ୍ପ୍

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ୱାଂଶିଟନଠାରେ ଆଜି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଇରାନ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହେବାର ଆଶା କରାଯାଉଛି । ହ୍ୱାଇଟ୍‌ହାଉସ୍ ଗଣମାଧ୍ୟମ ସଚିବ କାରୋଲିନ୍ ଲିଭିଟ୍ କହିଛନ୍ତି, ଉଭୟ ନେତାଙ୍କ ମଧ୍ୟରେ ଶକ୍ତି ଏବଂ ନିୟନ୍ତ୍ରଣମୁକ୍ତ କ୍ଷେତ୍ରଗୁଡ଼ିକ ଉପରେ ମତବିନିମୟ ହେବ । ରାଷ୍ଟ୍ରପତି ଭାବେ ଦ୍ୱିତୀୟଥର ପାଇଁ ଶ୍ରୀ ଟ୍ରମ୍ପ୍ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ନେତାନ୍ୟାହୁଙ୍କ ସହ ଏହା ଷଷ୍ଠ ବୈଠକ ହେବ । ଇରାନ୍ ଏବଂ ଆମେରିକା ମଧ୍ୟରେ ଓମାନଠାରେ ଆଲୋଚନା ହେବାର କିଛି ଦିନ ପରେ ଅନୁଷ୍ଠିତ ହେଉଥିବା ଏହି ବୈଠକ ବେଶ୍ ଗୁରୁତ୍ୱ ବହନ କରୁଛି ।

## ଦୁବାଇ-ଏଆଇ ସମିଟ୍

ନୂଆଦିଲ୍ଲୀରେ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ଏ.ଆଇ. ଇମ୍‌ପ୍ୟାକ୍ଟ ସମ୍ମିଳନୀର ଅବ୍ୟବହିତ ପୂର୍ବରୁ ଦୁବାଇଠାରେ ଏକ ଦୁଇ ଦିନିଆ ସମ୍ମିଳନୀ ଆୟୋଜିତ ହେଉଛି । ସିମ୍‌ବାୟୋସିସ୍ ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ ଠାରେ ଗତକାଲିଠାରୁ ଏହି ଦୁଇ ଦିନିଆ 'ରୋଡ୍ ଟୁ ଏ.ଆଇ. ଇମ୍‌ପ୍ୟାକ୍ଟ ସମିଟ୍ ୨୦୨୬' ଆରମ୍ଭ ହୋଇଛି । ଭାରତୀୟ ଦୂତାବାସର ସହଯୋଗରେ ଚାଲିଥିବା ଏହି ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଏବଂ ଏହାର ସାମାଜିକ ପ୍ରଭାବ ନେଇ ନୀତିନିର୍ଦ୍ଧାରକ, ଶିକ୍ଷାବିତ୍ ଏବଂ ଉଦ୍ୟୋଗୀଙ୍କ ମଧ୍ୟରେ ମତବିନିମୟ ହେବ । ୟୁ.ଏ.ଇ.ରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଡକ୍ଟର ଦୀପକ ମିତଲ ଏବଂ ଦୁବାଇରେ ଅବସ୍ଥାପିତ ଭାରତର କନସୁଲ ଜେନେରାଲ୍ ସତୀଶ ସିଭନ ଗତକାଲିର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ମଷ୍ଟ ଆନାଉନ୍ସମେଣ୍ଟ ପଡ଼କାଷ୍ଟ

ଆନ୍ତର୍ଜାତିକ ମହିଳା ଏବଂ ବାଳିକ ବୈଜ୍ଞାନିକ ଦିବସ ଅବସରରେ ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ପଡ଼କାଷ୍ଟ ସିରିଜ୍‌ରେ ପ୍ରସାରଣ କରାଯିବ । 'ପର୍ସନ୍ ବିହାଣ୍ଡ ଦ ଷ୍ଟୋରୀ' ଶୀର୍ଷକରେ ପ୍ରସାରିତ ହେବାକୁ ଥିବା ଏହି ସିରିଜ୍‌ରେ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦର

ମହାନିର୍ଦ୍ଦେଶକ ଡକ୍ଟର ଏନ୍. କଲାଇସେଲଭିଙ୍କ ସହ ଏକ ସାକ୍ଷାତ ଆଲୋଚନା ପ୍ରଚାର କରାଯିବ । ପରିଷଦର ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିବାରେ ଡକ୍ଟର ଏନ୍. କଲାଇସେଲଭି ହେଉଛନ୍ତି ପ୍ରଥମ ମହିଳା । ଆକାଶବାଣୀର ଏଫ୍.ଏମ୍. ଗୋଲ୍ଡ ଚ୍ୟାନେଲ୍‌ରେ ସକାଳ ୯ଟା ୧୦ ମିନିଟ୍‌ରେ ଏବଂ ଅପରାହ୍ଣ ୫ଟା ୧୦ ମିନିଟ୍‌ରେ ଏହି କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ।

## ହକି-ଏଫ୍ଆଇଏଚ୍

ଏଫ୍.ଆଇ.ଏଚ୍. ପୁରୁଷ ହକି ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ବେଲ୍‌ଜିୟମ୍ ବିଜୟୀ ହୋଇଛି । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଆର୍ଜେଣ୍ଟିନାକୁ ୫-୩ ଗୋଲ୍‌ରେ ବେଲ୍‌ଜିୟମ ପରାସ୍ତ କରିଛି । ଭାରତ ଓ ବେଲ୍‌ଜିୟମ୍ ମଧ୍ୟରେ ଆଜି ଖେଳାଯିବ ମ୍ୟାଚ୍ ।

## ଆଇସିସି-କ୍ରିକେଟ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲିର ତୃତୀୟ ମ୍ୟାଚ୍‌ରେ ପାକିସ୍ତାନ ବିଜୟୀ ହୋଇଛି ।

କଲମ୍ବୋଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପାକିସ୍ତାନ ୩୨ରନ୍‌ରେ ଆମେରିକାକୁ ପରାସ୍ତ କରିଛି । ଟସ୍ ଜିତି ଆମେରିକା ପାକିସ୍ତାନକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ପାକିସ୍ତାନ ୯ ଓ୍ୱିକେଟ୍ ବିନିମୟରେ ୧୯୦ରନ୍ ସଂଗ୍ରହ କରିଥିଲା । ୧୯୧ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆମେରିକା ୮ ଓ୍ୱିକେଟ୍ ବିନିମୟରେ ୧୫୮ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ପାକିସ୍ତାନର ସାହିବଜାଦା ଫରହନ୍ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଗତକାଲିର ଅନ୍ୟ ଦୁଇଟି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୟୁ.ଏ.ଇ. ବିପକ୍ଷରେ ୧୦ ଓ୍ୱିକେଟ୍‌ରେ ଏବଂ ନେଦରଲ୍ୟାଣ୍ଡସ୍ ନାମିବିୟା ବିପକ୍ଷରେ ୭ ଓ୍ୱିକେଟ୍‌ରେ ବିଜୟୀ ହୋଇଛନ୍ତି ।

ଆଜି ଦକ୍ଷିଣ ଆଫ୍ରିକା-ଆଫଗାନିସ୍ତାନ ମଧ୍ୟରେ ପୂର୍ବାହ୍ନ ୧୧ଟାରେ ଅହମ୍ମଦାବାଦରେ ମ୍ୟାଚ୍ ଖେଳାଯିବ । ଅପରାହ୍ଣ ୩ଟାରେ କଲମ୍ବୋଠାରେ ଅଷ୍ଟ୍ରେଲିଆ ଏବଂ ଆୟରଲ୍ୟାଣ୍ଡ ଓ ମୁମ୍ବାଇରେ ସନ୍ଧ୍ୟା ୭ଟାରେ ଇଂଲଣ୍ଡ ଏବଂ ଓ୍ୱେଷ୍ଟଇଣ୍ଡିଜ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।